# NATIONAL NEWS BULLETIN (ODIA)

**21 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଇରାନ ବିପକ୍ଷରେ ସାମରିକ ଅଭିଯାନ ବନ୍ଦ କରିବା ପାଇଁ ଆମେରିକା ବିଚାର କରୁଛି, କହିଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ
- ୧ ବିଲିୟନ୍ ଟନ୍ କୋଇଲା ଉତ୍ପାଦନ କରି ଦେଶ ଶକ୍ତି ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି
- ଆସାମ, କେରଳ ଓ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ଇଭିଏମ୍‌ର ଯାଞ୍ଚ ପ୍ରକ୍ରିୟା ଶେଷ ।

ଏବଂ

- ଜଙ୍ଗଲକୁ ସୁରକ୍ଷିତ ଏବଂ ସଂରକ୍ଷିତ ରଖିବା ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ, ଜଙ୍ଗଲ ଦିବସର ବାର୍ତ୍ତାରେ ଆହ୍ୱାନ ଦେଲେ କେନ୍ଦ୍ରମନ୍ତ୍ରୀ

---

## ଟ୍ରମ୍ପ-ଇରାନ

ଇରାନ ବିପକ୍ଷରେ ସାମରିକ ଅଭିଯାନ ବନ୍ଦ କରିବା ପାଇଁ ବିଚାର କରାଯାଉଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ସାମାଜିକ ଗଣମାଧ୍ୟମ 'ସତ୍ୟ'ରେ ଏ ସଂପର୍କରେ ସୂଚନା ଦେଇ ସେ କହିଛନ୍ତି, ସାମରିକ ଅଭିଯାନର ଉଦ୍ଦେଶ୍ୟ ଖୁବ୍ ଶୀଘ୍ର ପୂରଣ ହେବାକୁ ଯାଉଛି । ତେଣୁ ମଧ୍ୟପ୍ରାଚ୍ୟରେ ଏହାକୁ ବନ୍ଦ କରିବା ନେଇ ବିଚାର ବିମର୍ଶ

ଚାଲିଛି । ଫେବୃୟାରୀ ୨୮ ତାରିଖରେ ଆରମ୍ଭ ହୋଇଥିବା ସଂଘର୍ଷକୁ ଶୀଘ୍ର ସମାପ୍ତ କରିବା ନେଇ ଆମେରିକା ପ୍ରସ୍ତୁତ ହେଉଥିବା ଶ୍ରୀ ଟ୍ରମ୍ପ୍‌ଙ୍କ ଏହି ମନ୍ତବ୍ୟରୁ ସୂଚନା ମିଳୁଛି । ଆମେରିକା ଏବଂ ଇସ୍ରାଏଲ୍ ଦ୍ୱାରା ଆରମ୍ଭ ହୋଇଥିବା ଆକ୍ରମଣ ଏବଂ ଇରାନର ପ୍ରତିଆକ୍ରମଣ ପରିପ୍ରେକ୍ଷୀରେ ଟ୍ରମ୍ପଙ୍କର ଏହି ବିବୃତ୍ତି ଆସିଛି । ଇରାନର ପ୍ରମୁଖ ଗ୍ୟାସ୍ କ୍ଷେତ୍ରଗୁଡ଼ିକ ଉପରେ ଇସ୍ରାଏଲ ଆକ୍ରମଣ କରିବା ପରିପ୍ରେକ୍ଷୀରେ ଇରାନ କାତାରରେ ବିଶ୍ୱର ସର୍ବବୃହତ ଏଲ୍ଏନ୍‌ଜି ପ୍ଲାଣ୍ଟକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା । ଏଭଳି ଆକ୍ରମଣ ଏବଂ ପ୍ରତିଆକ୍ରମଣ ଯୋଗୁଁ ଗ୍ୟାସ୍ ଓ ତୈଳ ଦର ବୃଦ୍ଧି ପାଉଛି । ଗତ ଗୁରୁବାର ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି, ଇରାନର ଗ୍ୟାସ କ୍ଷେତ୍ରଗୁଡ଼ିକ ଉପରେ ଆମେରିକା ପକ୍ଷରୁ ଆଉ ଆକ୍ରମଣ କରାଯିବ ନାହିଁ । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଇରାନର ଗ୍ୟାସ୍ କ୍ଷେତ୍ରଗୁଡ଼ିକ ଉପରେ ହେଉଥିବା ଆକ୍ରମଣକୁ ବନ୍ଦ କରିବାକୁ ପ୍ରୟାସ କରାଯିବ ବୋଲି କହିଛନ୍ତି । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଅନୁରୋଧକ୍ରମେ ଇସ୍ରାଏଲ୍ ଏହି ପଦକ୍ଷେପ ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି ।

## କୋଲ୍ ପ୍ରଡକ୍ସନ

୧ ବିଲିୟନ ଟନ୍ କୋଇଲା ଉତ୍ପାଦନ ସହ ଭାରତ ଦେଶର ଶକ୍ତି ସୁରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । କୋଇଲା ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ଶକ୍ତି କ୍ଷେତ୍ରରେ ବର୍ଦ୍ଧିତ ଆତ୍ମନିର୍ଭରଶୀଳ ଏବଂ ପ୍ରମୁଖ ଶିଳ୍ପ କ୍ଷେତ୍ରଗୁଡ଼ିକୁ ନିରବଚ୍ଛିନ୍ନ ଇନ୍ଧନ ଯୋଗାଣକୁ ସୁନିଶ୍ଚିତ କରିବା ନେଇ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଏହା

ପ୍ରତିଫଳନ କରୁଛି । ବର୍ଦ୍ଧିତ କୋଇଲା ଉତ୍ପାଦନ ଦେଶର ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ କୋଇଲା ସଂରକ୍ଷଣ ସ୍ତର ବଜାୟ ରଖିବା ସଶକ୍ତ ହେବା ସହ ବର୍ଦ୍ଧିତ ଶକ୍ତି ଚାହିଦାକୁ ପ୍ରଭାବଶାଳୀ ଢଙ୍ଗରେ ପୂରଣ କରିବାକୁ ସକ୍ଷମ ହୋଇଛି । ଏଭଳି ସଫଳତା ଦେଶରେ ନିରନ୍ତର, ସ୍ୱଚ୍ଛ ଏବଂ କାର୍ଯ୍ୟଦକ୍ଷତା ଆଧାରିତ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବ ।

ସବୁକ୍ଷେତ୍ରରେ କୋଇଲା ଉପଲବ୍ଧତା ଏବଂ ସହଜ ବଣ୍ଟନକୁ ଏହା ସୁନିଶ୍ଚିତ କରିପାରୁଛି । ୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର ଦିଗରେ ନିରନ୍ତର ଶକ୍ତି କ୍ଷେତ୍ର ପ୍ରସ୍ତୁତି, ଘରୋଇ ଉତ୍ପାଦନ କ୍ଷମତା ବୃଦ୍ଧି ଏବଂ ସ୍ଥାୟୀ ଆର୍ଥିକ ବିକାଶକୁ ସୁଦୃଢ଼ କରିବାରେ ଏହି ସଫଳତା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

## ପ୍ରେଜ୍-ମଥୁରା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଉତ୍ତରପ୍ରଦେଶର ମଥୁରା ଜିଲ୍ଲା ଅନ୍ତର୍ଗତ ଗୋବର୍ଦ୍ଧନସ୍ଥିତ ଦାଙ୍ଘାଟି ମନ୍ଦିର ପରିଦର୍ଶନ କରିବା ସହ ପ୍ରାର୍ଥନା କରିଛନ୍ତି । ୩ ଦିନିଆ ଉତ୍ତରପ୍ରଦେଶ ଗସ୍ତ ଶେଷ କରି ନୂଆଦିଲ୍ଲୀ ଫେରିବା ପୂର୍ବରୁ ରାଷ୍ଟ୍ରପତି ପାରମ୍ପରିକ ଗୋବର୍ଦ୍ଧନ ପରିକ୍ରମା ମଧ୍ୟ କରିଛନ୍ତି । ଉତ୍ତରପ୍ରଦେଶକୁ ଗତ ଗୁରୁବାରଠାରୁ ଗସ୍ତରେ ଯାଇ ରାଷ୍ଟ୍ରପତି ମୁର୍ମୁ ପ୍ରଥମେ ଅଯୋଧ୍ୟାର ରାମଜନ୍ମଭୂମି ମନ୍ଦିର ପରିଦର୍ଶନ କରିଥିଲେ। ଏହା ପରେ ସେ ଇସ୍କନ ମନ୍ଦିର ଏବଂ ବୃନ୍ଦାବନର ପ୍ରେମ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି । ଗସ୍ତର ଦ୍ୱିତୀୟ ଦିବସରେ ରାଷ୍ଟ୍ରପତି ଗତକାଲି ରାମକୃଷ୍ଣ ମିଶନ ସେବାଶ୍ରମର ନୂତନ କର୍କଟ ଚିକିତ୍ସା ବ୍ଲକକୁ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ଅଞ୍ଚଳରେ କର୍କଟ ଚିକିତ୍ସା ସୁବିଧାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ବ୍ଲକ ନିର୍ମାଣ କରାଯାଇଛି ।

# ପିଏମ୍-ନାଭ୍ରୋଜ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ପାର୍ସି ନବବର୍ଷ ନବ୍‌ରୋଜ ଅବସରରେ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଉପରାଷ୍ଟ୍ରପତି କହିଛନ୍ତି, ଏହି ପର୍ବ ସମସ୍ତଙ୍କୁ ଅପାର ସୁଖ, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କର ସୁଖ ସମୃଦ୍ଧି ପାଇଁ କାମନା କରିଛନ୍ତି ଏବଂ ସମସ୍ତଙ୍କ ସୁସ୍ଥତା, ସେମାନଙ୍କର ସମସ୍ତ ଆକାଂକ୍ଷା ପୂରଣ ପାଇଁ ପ୍ରାର୍ଥନା କରିଛନ୍ତି ।

---

# ଇଦ୍-ଉଲ୍-ଫିତର

ଦେଶର ବିଭିନ୍ନ ସ୍ଥାନରେ ଆଜି ଇଦ୍-ଉଲ୍-ଫିତର ପାଳନ କରାଯାଉଛି । ଏହି ପର୍ବ ରମଜାନର ଉପବାସ ମାସର ଶେଷ ପର୍ଯ୍ୟାୟରେ ପାଳନ କରାଯାଉଛି । ଏହି ଅବସରରେ ମୁସଲିମ ଧର୍ମାବଲମ୍ବୀମାନେ ଇଦ୍‌ଗାହ ଏବଂ ମସଜିଦରେ ନମାଜ ପାଠ କରୁଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି ତାଙ୍କ ବାର୍ତ୍ତାରେ କହିଛନ୍ତି, ଏହି ପର୍ବ ଆତ୍ମନିୟନ୍ତ୍ରଣ, ଦାନ ଏବଂ ଅବହେଳିତ ବର୍ଗଙ୍କ ପାଇଁ କରୁଣାର ବାର୍ତ୍ତା ପ୍ରଦାନ କରିଥାଏ । ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ଏହି ପର୍ବ ସମସ୍ତଙ୍କ ପାଇଁ ସଦ୍‌ଭାବ, ଆଶା ଏବଂ କରୁଣା ପ୍ରଦାନ କରୁ ବୋଲି କାମନା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଇଦ୍-ଉଲ୍-ଫିତର ସମାଜରେ

ଭାଇଚାରା ଓ ଦୟାର ମନୋଭାବକୁ ମଜବୁତ କରିଥାଏ । ଶ୍ରୀ ମୋଦୀ ଏହି ଅବସରରେ ସମସ୍ତଙ୍କର ସୁଖ, ଉତ୍ତମ ସ୍ୱାସ୍ଥ୍ୟ ଓ ସମୃଦ୍ଧି କାମନା କରିଛନ୍ତି ।

## ଇସି-ଇଭିଏମ୍-ଭିଭିପାଟ୍

ଆସାମ, କେରଳ ଓ ପୁଡୁଚେରୀରେ ଆଗାମୀ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟ ଇଭିଏମ୍ ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଉପନିର୍ବାଚନ ହେବାକୁ ଥିବା ଗୋଆ, କର୍ଣ୍ଣାଟକ, ନାଗାଲ୍ୟାଣ୍ଡ ଏବଂ ତ୍ରିପୁରାରେ ମଧ୍ୟ ପ୍ରଥମ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଇତିମଧ୍ୟରେ ଶେଷ ହୋଇଛି । ଆସନ୍ତା ମାସ ୨ ତାରିଖରେ ଏହି ରାଜ୍ୟଗୁଡ଼ିକରେ ଉପନିର୍ବାଚନ ଅନୁଷ୍ଠିତ ହେବ । ଜାତୀୟ ତଥା ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କ ଉପସ୍ଥିତିରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଏହି ପ୍ରଥମ ପର୍ଯ୍ୟାୟ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ସେହି ପ୍ରତିନିଧିଙ୍କ ଉପସ୍ଥିତିରେ ଇଭିଏମ୍ ଓ ଭିଭିପାଟ୍‌ଗୁଡ଼ିକୁ ସଂପୃକ୍ତ ଅଞ୍ଚଳର ବିଧାନସଭା ଷ୍ଟ୍ରଙ୍ଗରୁମ୍‌ରେ ସଂରକ୍ଷଣ କରି ରଖାଯାଉଛି ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି ।

## କ୍ୟାଣ୍ଡିଡେଟ୍

ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ଆଜି ଏହାର ୯ ଜଣିଆ ପ୍ରାର୍ଥିତାଲିକା ପ୍ରକାଶ କରିଛି । ନୂଆଦିଲ୍ଲୀରେ ଗତ ବୁଧବାର ବସିଥିବା ଦଳର କେନ୍ଦ୍ରୀୟ ନିର୍ବାଚନ କମିଟି ଏହି ତାଲିକାକୁ ଚୂଡ଼ାନ୍ତ କରିଛି । ୩୦ ସଦସ୍ୟ ବିଶିଷ୍ଟ ପୁଡୁଚେରୀ ବିଧାନସଭା ପାଇଁ

ଆସନ୍ତାମାସ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବା ସହିତ ମଇମାସ ୪ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ।

ଅନ୍ୟପକ୍ଷରେ ଆସାମ ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ଆଉ ଏକ ୭ ଜଣିଆ ପ୍ରାର୍ଥିତାଲିକା ପ୍ରକାଶ ପାଇଛି । ୧୨୬ ଆସନ ବିଶିଷ୍ଟ ଆସାମ ବିଧାନସଭାରେ କଂଗ୍ରେସ ୧୧ଟି ଆସନ ସହଯୋଗୀ ରାଇଜୋର ଦଳ ପାଇଁ ଛାଡ଼ିଛି ।

---

## ଭୂପେନ୍ଦର-ଫରେଷ୍ଟ ଡେ

ଅନ୍ତର୍ଜାତୀୟ ବନ ଦିବସ ଅବସରରେ ଆଜି କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ନାଗରିକମାନଙ୍କୁ ଜଙ୍ଗଲର ସୁରକ୍ଷା ପାଇଁ ପ୍ରତିଜ୍ଞା ନେବାକୁ ଆହ୍ୱାନ ଜଣାଇଛନ୍ତି । ଜଙ୍ଗଲ ବଜାୟ ରଖୁଥିବା ଜୀବନକୁ ସୁରକ୍ଷା ଦେବାକୁ ସେ କହିଛନ୍ତି । ଏକ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମନ୍ତ୍ରୀ କହିଛନ୍ତି ଯେ ଜଙ୍ଗଲ କେବଳ  ଏକ ସମ୍ବଳ ନୁହେଁ, ଏହାକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ । **V/O**

୨୦୧୨ ମସିହାରେ ଜାତିସଂଘ ସାଧାରଣ ସଭାରେ ୨୧ ମାର୍ଚ୍ଚକୁ ଅନ୍ତର୍ଜାତୀୟ ଜଙ୍ଗଲ ଦିବସ ଭାବେ ଘୋଷଣା କରିଥିଲା । ଏହି ଦିବସଟି ସମସ୍ତ ପ୍ରକାର ଜଙ୍ଗଲର ଗୁରୁତ୍ୱକୁ ପ୍ରତିପାଦିତ କରୁଛି ଏବଂ ସଚେତନତା ସୃଷ୍ଟି କରୁଛି । ଆଜିର ଦିନରେ ଦେଶଗୁଡ଼ିକୁ ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଜଙ୍ଗଲ ଏବଂ ବୃକ୍ଷ ସହିତ ଜଡ଼ିତ କାର୍ଯ୍ୟକଳାପ ବୃକ୍ଷରୋପଣ ଅଭିଯାନ ଆୟୋଜନ କରିବାକୁ ଉତ୍ସାହିତ କରାଯାଉଛି । ୨୦୨୬ର ଆଜିର ଦିବସର ବିଷୟବସ୍ତୁ ହେଉଛି "ଜଙ୍ଗଲ ଏବଂ

ଅର୍ଥନୀତି” ଯାହା ଅର୍ଥନୈତିକ ସମୃଦ୍ଧିକୁ ଆଗେଇ ନେବାରେ ଜଙ୍ଗଲର ଅତ୍ୟାବଶ୍ୟକ ଭୂମିକାକୁ ପାଳନ କରେ ।

## ଗଭ୍-ଫାର୍ମାସ୍ୟୁଟିକାଲ୍ସ

ଭାରତକୁ ଏକ ବିଶ୍ୱ ବାୟୋ ଫାର୍ମାସ୍ୟୁଟିକାଲ୍ ଉତ୍ପାଦନ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟ ନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଆସନ୍ତା ଆର୍ଥିକବର୍ଷ ବଜେଟ୍‌ରେ ବାୟୋ ଫାର୍ମା ଶକ୍ତି ପ୍ରତିଷ୍ଠା ନେଇ ପ୍ରସ୍ତାବ ରହିଛି । ଏଥିରେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଆଧାରିତ ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଉନ୍ନତ କରିବା ସଂକ୍ରାନ୍ତ ପଦକ୍ଷେପ ଅନ୍ତର୍ଭୁକ୍ତ ।

ଆଗାମୀ ୫ ବର୍ଷ ମଧ୍ୟରେ ଏହି କ୍ଷେତ୍ର ପାଇଁ ମୋଟ୍ ୧୦ ହଜାର କୋଟି ଟଙ୍କା ବ୍ୟୟ ପ୍ରସ୍ତାବ ରହିଛି । ଏହି ପଦକ୍ଷେପ ମାଧ୍ୟମରେ ଜୈବିକ ଏବଂ ବାୟୋ ସିମିଲାର୍ ର ଘରୋଇ ଉତ୍ପାଦନ ପାଇଁ ଏକ ଦୃଢ଼ ଇକୋସିଷ୍ଟମ୍ ନିର୍ମାଣର ଲକ୍ଷ୍ୟ ରହିଛି । ଦେଶରେ ୩ ହଜାରରୁ ଅଧିକ କମ୍ପାନୀ ଏବଂ ୧୦ ହଜାର ୫୦୦ ଉତ୍ପାଦ ୟୁନିଟ୍ ସହିତ ଔଷଧୀୟ ଶିଳ୍ପ କ୍ଷେତ୍ର ପରିମାଣ ଦୃଷ୍ଟିରୁ ବିଶ୍ୱସ୍ତରରେ ତୃତୀୟ ଏବଂ ମୂଲ୍ୟ ଦୃଷ୍ଟିରୁ ଏକାଦଶତମ ସ୍ଥାନରେ ରହିଛି । ଗତ ଆର୍ଥିକବର୍ଷରେ ଏହି କ୍ଷେତ୍ରରେ ବାର୍ଷିକ କାରବାର ୪ ଲକ୍ଷ ୭୨ ହଜାର କୋଟି ଟଙ୍କାରେ ପହଞ୍ଚିଥିଲା । ଗତ ଦଶନ୍ଧି ମଧ୍ୟରେ ଭାରତୀୟ ଔଷଧ ଶିଳ୍ପ କ୍ଷେତ୍ରରେ ୭ ପ୍ରତିଶତ ରପ୍ତାନୀ ବୃଦ୍ଧି ପାଇଛି । ଦେଶର ଜେନେରିକ୍ ଔଷଧ କ୍ଷେତ୍ରରେ ଇତିମଧ୍ୟରେ ବ୍ୟାପକ ପରିବର୍ତ୍ତନ ଘଟିଛି ।

# ସ୍ୱିମିଙ୍ଗ୍-ରେକର୍ଡ

ଅଲମ୍ପିକ୍ ଏବଂ ବିଶ୍ୱ ଚମ୍ପିୟାନ୍ ସନ୍ତରଣକାରୀ କ୍ୟାମେରନ୍ ମେକେଏବଏ ପୁରୁଷ ୫୦ ମିଟର ଫ୍ରିଷ୍ଟାଇଲ୍‌ରେ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି, ଯାହା ଗତ ୧୭ ବର୍ଷ ଧରି ରହିଆସିଥିଲା । ୩୧ ବର୍ଷୀୟ ଅଷ୍ଟ୍ରେଲୀୟ ଖେଳାଳି ଗତକାଲି ସେଞ୍ଜେନ୍‌ରେ ଚାଇନା ଓପନରେ ୨୦ଦଶମିକ ୮୮ ସେକେଣ୍ଡ ସମୟ ନେଇଥିଲେ, ଯାହା ବ୍ରାଜିଲିଆନ୍ ସିଜାର ସିଓଲଙ୍କ ପୂର୍ବ ରେକର୍ଡକୁ ୦.୦୩ ସେକେଣ୍ଡ ପଛରେ ପକାଇଥିଲେ ।